# 'ଭାରାକ୍ରାନ୍ତ ମନକୁ ହାଲୁକା କରେ ମହୋତ୍ସବ'


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**କାମାକ୍ଷାନଗର, ୧୧।୨(ଡି.ଏନ୍.ଏ.)**

### କାମାକ୍ଷାନଗର ମହୋତ୍ସବ ୪ର୍ଥ ସନ୍ଧ୍ୟା

ଏବେ କର୍ମଜଞ୍ଜାଳରେ ମଣିଷ ଚାପଗ୍ରସ୍ତ ହୋଇପଡୁଛି। ଭାରାକ୍ରାନ୍ତ ମନକୁ ହାଲୁକା କରିବା ପାଇଁ ମହୋତ୍ସବ, ସାଂସ୍କୃତିକ କାର୍ଯ୍ୟକ୍ରମର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି ଏମ୍‌ପି ମହେଶ ସାହୁ। କାମାକ୍ଷାନଗର ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ ସମାରୋହରେ ଏମ୍‌ପି ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜ ଅଭିଭାଷଣରେ ଏହା କହିଛନ୍ତି। ସମ୍ମାନିତ ଅତିଥି ଭାବେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଅତିରିକ୍ତ ସଚିବ ରୂପାରୋଶନ ସାହୁ, ସିଡିଏମ୍‌ଓ ଅଶୋକ କୁମାର ଦାଶ, ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର, ଜିଲା ପରିଷଦ ଅତିରିକ୍ତ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ମନୋରଞ୍ଜନ ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ମହୋତ୍ସବ କମିଟି ସଭାପତି ତଥା ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ ସଭାପତିତ୍ୱ କରିଥିବାବେଳେ ଭୁବନ ବିଡିଓ କଲ୍ୟାଣ ସୌରଭ ଦାସ ଧନ୍ୟବାଦ ଦେଇଥିଲେ। ଅବନୀ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## କିମିଆ କଲା ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ୍

କାମାକ୍ଷାନଗର ମହୋତ୍ସବର ରବିବାର ଉଦ୍‌ଯାପନୀ ଦିବସ। ଶନିବାର ଚତୁର୍ଥ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମର ମଜାନେବାକୁ ଲୋକାରଣ୍ୟ ହୋଇଉଠିଥିଲା ସାରଙ୍ଗଧର ଷ୍ଟାଡିୟମ୍। ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ୍‌ର କଳାକାରଙ୍କ 'ମହିଷମର୍ଦ୍ଦନୀ ଡ୍ୟାନ୍ସ' ଦର୍ଶକଙ୍କ ମଧ୍ୟରେ ଶିହରଣ ସୃଷ୍ଟି କରିଥିବାବେଳେ କମେଡିଆନ ମିଷ୍ଟର ଗୁଲୁଆ ହସାଇ ହସାଇ ବେଦମ କରିଥିଲେ। କଣ୍ଠଶିଳ୍ପୀ ତାରିକ୍ ଏବଂ ଜ୍ୟୋତିର୍ମୟୀ ଦାରିଙ୍ଗବାଡ଼ି ବୁଲେଇନେବି ତତେ...ଗୀତରେ ଦର୍ଶକଙ୍କୁ ରୋମାଞ୍ଚିତ କରିଥିଲେ। ଅପରାହ୍ନରେ ଆଞ୍ଚଳିକ କଳାକାରମାନେ ପାରମ୍ପରିକ ନୃତ୍ୟ ପରିବେଷଣ କରିଥିଲେ। କୁଆଳୋର ଘଣ୍ଟବାଦ୍ୟ, କାମାକ୍ଷାନଗର ଦଣ୍ଡନୃତ୍ୟ, ଭୁବନ ମୀରାମାଈ କଳାବିକାଶ କେନ୍ଦ୍ରର ନୃତ୍ୟ, ଖୋର୍ଦ୍ଧାର ପାଇକ ଆଖଡ଼ା, ବାଲେଶ୍ୱର କଳାକାରଙ୍କ ସମ୍ବଲପୁରୀ ନୃତ୍ୟରେ ମତୁଆଲା ହୋଇଉଠିଥିଲେ ଦର୍ଶକ।


ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ୍‌ର କଳାକାରଙ୍କ ଦ୍ୱାରା ପରିବେଷିତ 'ମହିଷମର୍ଦ୍ଦନୀ ଡ୍ୟାନ୍ସ'।

# ଟିଙ୍କ ପାଇଁ ଟେନ୍‌ସନ୍



### ଢେଙ୍କାନାଳ କଲେଜ

**ଢେଙ୍କାନାଳ ଅଫିସ, ୧୧।୨**

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଟିଙ୍କକୁ ନେଇ ଦୁଇଦିନ ହେଲା ଟେନ୍‌ସନ୍ ବଢ଼ିଛି। ପାଠ ପଢ଼ିବାକୁ ଆସୁଥିବା ଛାତ୍ରୀଛାତ୍ର, କଲେଜରେ କାର୍ଯ୍ୟରତ ଅଧ୍ୟାପିକା, ଅଧ୍ୟାପକ ଏବଂ କର୍ମଚାରୀଙ୍କ ଶରୀରରେ ଟିଙ୍କ ଲାଗିଯାଉଛି। ଏହି କ୍ଷୁଦ୍ର କୀଟ କାନ ସମେତ ଆଭ୍ୟନ୍ତରୀଣ ଅଙ୍ଗରେ ପଶି ରକ୍ତ ଶୋଷୁଛି। ପ୍ରଥମେ ସାମାନ୍ୟ ଯନ୍ତ୍ରଣା ହେଉଥିବାବେଳେ ଦିନକ ପରେ ଏହା ବଢ଼ୁଛି। କଲେଜର ଜଣେ ଅଧ୍ୟାପିକାଙ୍କ କାନରେ ଟିଙ୍କ ପଶିଯାଇଥିବାରୁ ସେ ଡାକ୍ତରଙ୍କ ପରାମର୍ଶ ନେଇଥିବା କହିଛନ୍ତି। କ୍ୟାମ୍ପସ ପରିସରରେ ଟିଙ୍କ ପ୍ରାଦୁର୍ଭାବ ବଢ଼ୁଥିବାବେଳେ ଏହାର ପ୍ରତିକାର କରିବା ଲାଗି ପୌର କର୍ତ୍ତୃପକ୍ଷ ଆବଶ୍ୟକ ପଦକ୍ଷେପ ନେବାକୁ ଛାତ୍ରୀଛାତ୍ର ଦାବି କରିଛନ୍ତି।

ଅଞ୍ଚଳବାସୀଙ୍କ କହିବା କଥା, ଢେଙ୍କାନାଳ କଲେଜ ପାଣିଓହଳା ଓ ଚାରଖୋଲା ପାହାଡ଼ ପାଦଦେଶରେ ଅବସ୍ଥିତ। ସମ୍ଭବତଃ ଗୃହପାଳିତ ପ୍ରାଣୀଙ୍କ ମାଧ୍ୟମରେ ଉକ୍ତ ଟିଙ୍କ କଲେଜ କ୍ୟାମ୍ପସରେ ପ୍ରବେଶ କରିଥାଇପାରନ୍ତି। ଛୋଟ ଟିଙ୍କଗୁଡ଼ିକ ଖାଲି ଆଖିକୁ ସହଜରେ ଦୃଶ୍ୟମାନ ହେଉ ନ ଥିବାରୁ ମଣିଷ ଦେହରେ ଲାଗି ରକ୍ତ ଶୋଷୁଛନ୍ତି। ଏହାକୁ କାଢ଼ିବା କଷ୍ଟକର। ଯଦିଓ ଏହାକୁ ବାହାର କରିଦିଆଯାଏ ତଥାପି ଉକ୍ତ ସ୍ଥାନ ଘୋଳାବିନ୍ଧା ହୁଏ। ବେଳେବେଳେ ଜ୍ୱର ଆସିଥାଏ। ତେଣୁ କଲେଜରେ କୀଟନାଶକ ସିଞ୍ଚନ କରିବାକୁ ସାଧାରଣରେ ଦାବି ହୋଇଛି।

ଏ ସଂକ୍ରାନ୍ତରେ କଲେଜ ଅଧ୍ୟକ୍ଷ ପ୍ରଫେସର ରଞ୍ଜିତ ପ୍ରଧାନ କୁହନ୍ତି, ଟିଙ୍କ ସହଜରେ ଦୃଶ୍ୟମାନ ହେଉନାହିଁ। ଜଙ୍ଗଲ ପରିବେଶକୁ ଲାଗି କଲେଜ ଥିବାରୁ ବଣବୁଦାରୁ ଏହା ଅନୁଷ୍ଠାନକୁ ଆସୁଥିବା ସନ୍ଦେହ କରାଯାଉଛି। ବଣବୁଦା ସଫା କରିବା ପାଇଁ ପୌର କର୍ତ୍ତୃପକ୍ଷଙ୍କୁ ଜଣାଯାଇଛି।

# ଯୁବଚାଷୀଙ୍କ ପ୍ରେରଣା ତପନ, ସ୍ମିତା

**ପରଜଙ୍ଗ, ୧୧।୨(ଡି.ଏନ୍.ଏ.)**

- ଅତ୍ୟାଧୁନିକ ଫାର୍ମହାଉସ୍ ଦେଇଛି ପରିଚୟ
- ପରିଦର୍ଶନ କରି ପ୍ରଶଂସା କଲେ ଜିଲାପାଳ

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ପାଟରପଦା ପଞ୍ଚାୟତ କଟାବାହାଳ ଗ୍ରାମର ଚାକିରିଆ ଦମ୍ପତି ତପନ କୁମାର ପ୍ରଧାନ ଏବଂ ସ୍ମିତା ପ୍ରଧାନଙ୍କ ଫାର୍ମହାଉସ୍ ଏବେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଉଭୟେ ଫୁରସତ ସମୟର ସଦୁପଯୋଗ କରି ୧୫ ଏକର ଜମିରେ ତିଆରି କରିଛନ୍ତି ଅତ୍ୟାଧୁନିକ ଫାର୍ମ। ଏଠାରେ ଆମ୍ବ, ପିଜୁଳି, ଆତ, ଲେମ୍ବୁ, ନଡ଼ିଆ, ପୋଟଳ, କୋବି, ବାଇଗଣ, ଭେଣ୍ଡି, ମୁଗ, ବିରି ଚାଷ କରାଯାଉଛି। ଏଥିସହ କୁକୁଡ଼ା ପାଳନ ଏବଂ ମତ୍ସ୍ୟ ଚାଷ କରାଯାଉଛି। ଅତ୍ୟାଧୁନିକ ଜ୍ଞାନ କୌଶଳ ଉପଯୋଗ କରି ସମ୍ପୃକ୍ତ ଦମ୍ପତି ଭଲ ରୋଜଗାର କରୁଛନ୍ତି। ଏଥିସହ ୭ ପରିବାରକୁ ରୋଜଗାର ମଧ୍ୟ ଦେଉଛନ୍ତି। ଫାର୍ମରୁ ଉତ୍ପାଦିତ ଆମ୍ବ ରାଜ୍ୟ ବାହାରକୁ ରପ୍ତାନି କରାଯାଉଛି।

ତପନ ଏବଂ ସ୍ମିତାଙ୍କ ଏଭଳି ଉଦ୍ୟମ ଯୁବ ଚାଷୀଙ୍କ ପାଇଁ ପ୍ରେରଣା ସାଜିଥିବାବେଳେ ଶୁକ୍ରବାର ଫାର୍ମ ପରିଦର୍ଶନ କରିଥିଲେ ଜିଲାପାଳ ସରୋଜ କୁମାର ସେଠୀ। ଦମ୍ପତିଙ୍କ ଉଦ୍ୟମକୁ ଜିଲାପାଳ ବେଶ୍ ପ୍ରଶଂସା କରିଛନ୍ତି। ଚାଷ ପ୍ରତି ଏଭଳି ନିଷ୍ଠା ରହିଲେ ଚାଷୀ ଲାଭବାନ ହେବେ ବୋଲି ଜିଲାପାଳ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତନ୍ମୟ କୁମାର ଦରୱାନ, ବିଡିଓ ସଂଗ୍ରାମ ଭୋଳ, ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ, ଉପସଭାନେତ୍ରୀ ବିଳାସିନୀ ସେଠୀ, ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା, ଜିଲା ଉଦ୍ୟାନ ବିଭାଗର ପଦାଧିକାରୀଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ।


ଜିଲାପାଳ ଫାର୍ମ ହାଉସ୍ ପରିଦର୍ଶନ କରୁଛନ୍ତି।

# 'ରାଧାନାଥ ରଥ ଥିଲେ ଶତାବ୍ଦୀ ପୁରୁଷ'


ସ୍ମୃତିସଭାରେ ଉପସ୍ଥିତ ଅତିଥିଗଣ।

**ଢେଙ୍କାନାଳ ଅଫିସ, ୧୧।୨**

ଢେଙ୍କାନାଳ ରଥଗଡାସ୍ଥିତ ଉତ୍କଳ କାର୍ଯ୍ୟାଳୟରେ ଶନିବାର ପଦ୍ମଭୂଷଣ ଡ. ରାଧାନାଥ ରଥଙ୍କ ଶ୍ରାଦ୍ଧବାର୍ଷିକୀ ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ରାଜ୍ୟ ଅଧ୍ୟକ୍ଷ ଡ. ରାଧାନାଥ ରଥ, ପଦ୍ମଭୂଷଣ ଡ. ରାଧାନାଥ ରଥ ଫାଉଣ୍ଡେଶନ୍ ଟ୍ରଷ୍ଟ ସାଧାରଣ ସମ୍ପାଦକ ମନୋରଞ୍ଜନ ପଟ୍ଟନାୟକଙ୍କ ପରିଚାଳନାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ ଯୋଗଦେଇ କହିଲେ, ଡ. ରାଧାନାଥ ରଥ ଥିଲେ ଶତାବ୍ଦୀ ପୁରୁଷ। ଓଡ଼ିଶା ପ୍ରତି ତାଙ୍କର ଅବଦାନ ଅବିସ୍ମରଣୀୟ। ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଡଭୋକେଟ୍ ଶ୍ୟାମସୁନ୍ଦର ପଣ୍ଡା କହିଲେ, 'ଝିଟିପିଟି କହେ' ସ୍ତମ୍ଭ ମାଧ୍ୟମରେ ରାଧାନାଥ ସରକାରଙ୍କୁ ପରାମର୍ଶ ଦେଉଥିଲେ। ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ପୋକ୍‌ସୋ ଜଜ୍ ଭିକାରୀ ଚରଣ ରାଉତ ଯୋଗଦେଇ କହିଲେ, ନନ୍ଦନକାନନ ଓ ଓୟୁଏଟି ପ୍ରତିଷ୍ଠାରେ ସେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ।

ପ୍ରାରମ୍ଭରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭ୍ୟ କବି ବାହାଦୁର ପାଟ୍ଟସାହାଣୀ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ବରିଷ୍ଠ ଶିଶୁ ବିଶେଷଜ୍ଞ ପ୍ରଫେସର ଡା. ସେବାରଞ୍ଜନ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବତନ ଚିଫ୍ ଇଞ୍ଜିନିୟର ଅକ୍ଷୟ ଶତପଥୀ, ପ୍ରଫେସର ବିଶ୍ୱନାଥ ମହାପାତ୍ର, ଇଂ. ଡମ୍ବରୁଧର ପଣ୍ଡା, ପରିବେଶବିତ୍ ଉପେନ୍ଦ୍ର ରାଉତ, ପ୍ରାକୃତିକ ଚିକିତ୍ସା କେନ୍ଦ୍ର ସଂଯୋଜକ ପୀତବାସ ସାହୁ, ସମାଜବାଦୀ ନେତା ସରୋଜ ଶତପଥୀ, ପାର୍ଥସାରଥି ନାୟକ, କିମ୍ସର ଆସିଷ୍ଟାଣ୍ଟ ପ୍ରଫେସର ଡ. ପ୍ରୀତିନନ୍ଦା ପରିଡ଼ା, ଡ. ପ୍ରମୋଦ ନାୟକ, ଆଡଭୋକେଟ୍ ପ୍ରିୟଙ୍କା ପଣ୍ଡା, ବିନାୟକ ଶତପଥୀ, ପ୍ରସାଦ ପଟ୍ଟନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଚିତ୍ରାନନ୍ଦ ମହାନ୍ତି ପରିଚାଳନା କରିଥିବାବେଳେ ପ୍ରଫେସର କ୍ଷୀରୋଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ୨୫୧୪ ମାମଲା ଫଇସଲା

**ଢେଙ୍କାନାଳ ଅଫିସ, ୧୧।୨**

ଢେଙ୍କାନାଳ ଜିଲାର ବିଭିନ୍ନ ଅଦାଲତରେ ଶନିବାର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ମୋଟ୍ ୨୫୧୪ଟି ମାମଲାର ଫଇସଲା ହୋଇଥିଲା। ତନ୍ମଧ୍ୟରେ ମୋଟର ଦୁର୍ଘଟଣାଜନିତ ୨୮, ବିବାହ ଓ ପାରିବାରିକ ମାମଲା ୯, ଦେୱାନି ମାମଲା ୧୦, ବିଭିନ୍ନ ପ୍ରକାର ଫୌଜଦାରି ମାମଲା ୩୪୨, ରାଜସ୍ୱ ମାମଲା ୨୦୩୩ ରହିଛି। ଏଥିସହ ବ୍ୟାଙ୍କ ମାମଲାଗୁଡ଼ିକୁ ଆପୋସ ଆଲୋଚନା ମାଧ୍ୟମରେ ସମାଧାନ କରାଯାଇଛି। ମୋଟର ଦୁର୍ଘଟଣାଜନିତ ପ୍ରାପ୍ୟ ବାବଦକୁ ୨କୋଟି ୮ଲକ୍ଷ ୯୬ହଜାର ଟଙ୍କା ପ୍ରଦାନ କରାଯାଇଛି। ଅନ୍ୟାନ୍ୟ ମାମଲାଗୁଡ଼ିକରେ ଜରିମାନା ଓ ବ୍ୟାଙ୍କ ଋଣ ଫଇସଲା ବାବଦକୁ ୧୧ଲକ୍ଷ ୨୯ହଜାର ୯୪୪ ଟଙ୍କା ୨୫ ପଇସା ଆଦାୟ କରାଯାଇଛି।

ଜିଲା ଦୌରାଜଜ୍ ତଥା ଆଇନସେବା ପ୍ରାଧିକରଣର ଭାରପ୍ରାପ୍ତ ଅଧ୍ୟକ୍ଷା ସବିତା ଦାସଙ୍କ ତତ୍ତ୍ୱାବଧାନରେ ସିଭିଲ କୋର୍ଟ ପରିସରରେ ଅନୁଷ୍ଠିତ ଲୋକ ଅଦାଲତରେ ବିଚାରପତି ସୂର୍ଯ୍ୟନାରାୟଣ ଦ୍ୱିବେଦୀ, ଡ. ଜୀବନଜ୍ୟୋତି ରଥ, ଶତରୁପା ଶତପଥୀ, ଶଶିରେଖା ମିଶ୍ର, ସାବିତ୍ରୀ ନାୟକ, ସୁଧୀରଞ୍ଜନ ଦାସ, ସୁଧାଶ୍ରୀ ସୁଲଙ୍କିଆ, ଗାର୍ଗୀ ରାୟ ପ୍ରମୁଖ ମାମଲା ପରିଚାଳନା କରିଥିଲେ। ଅତିରିକ୍ତ ଜିଲାଜଜ୍ ଆକାଂକ୍ଷିତ ମିଶ୍ର, ସିଭିଲ କୋର୍ଟ ରେଜିଷ୍ଟ୍ରାର ଅଳକାନନ୍ଦ ମହାନ୍ତି ଉପସ୍ଥିତ ଥିଲେ। ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତକୁ ବିଚାରପତି ମମିତା ସାହୁ, ସରକାରୀ ଆଇନଜୀବୀ ପତିତପାବନ ମହାପାତ୍ର, କନସିଲିଏଟର ସୁବାସିନୀ ମହାକୁଡ ପରିଚାଳନା କରିଥିଲେ। ପ୍ରାଧିକରଣ ପ୍ୟାନେଲ ଲୟର, ସ୍ୱେଚ୍ଛାସେବୀ ଏବଂ କୋର୍ଟ କର୍ମଚାରୀ ସହଯୋଗ କରିଥିଲେ।


ରାଷ୍ଟ୍ରୀୟ ଲୋକ ଅଦାଲତରେ ଉପସ୍ଥିତ ଆଇନଜୀବୀ।

# 'ଚାଷୀଙ୍କ ପରିଶ୍ରମ ପାଇଁ ଓଡ଼ିଶା ପ୍ରଶଂସିତ'


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ଢେଙ୍କାନାଳ ଅଫିସ, ୧୧।୨**

ଢେଙ୍କାନାଳ ମିନି ଷ୍ଟାଡିୟମ୍‌ଠାରେ ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ସୁଧୀର କୁମାର ସାମଲ ଏହାକୁ ଉଦ୍‌ଘାଟନ କରି କହିଲେ, ଉଲ୍ଲେଖନୀୟ କାର୍ଯ୍ୟ ଏବଂ ପରିଶ୍ରମ ପାଇଁ ଓଡ଼ିଶାର ଚାଷୀ ସର୍ବଭାରତୀୟସ୍ତରରେ ପ୍ରଶଂସିତ। ଆଧୁନିକ କୃଷି ଯନ୍ତ୍ରପାତିକୁ ଚାଷ କାର୍ଯ୍ୟରେ ବ୍ୟବହାର କଲେ ଉତ୍ପାଦନ ବଢ଼ିବ ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ, ଜିଲାପାଳ ସରୋଜ ସେଠୀ, କୃଷି ନିର୍ଦ୍ଦେଶାଳୟ ଭୁବନେଶ୍ୱର ଅଧୀକ୍ଷଣ ଯନ୍ତ୍ରୀ ଶ୍ରୀନିବାସ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

ମେଳାରେ ୪୦ଟି ଷ୍ଟଲ୍ ପଡ଼ିଥିବାବେଳେ କୃଷି ଯନ୍ତ୍ରପାତି ଉତ୍ପାଦନକାରୀ ଓ ବିତରକମାନେ ଉପସ୍ଥିତ ଥିଲେ। ଏହି ଅବସରରେ ୬ଜଣ ହିତାଧିକାରୀଙ୍କୁ ୧ଲକ୍ଷ ୨୦ହଜାର ଟଙ୍କା ରିହାତି ମୂଲ୍ୟରେ ଟ୍ରାକ୍ଟର କିଣିବା ପାଇଁ ଚାବି ହସ୍ତାନ୍ତର କରାଯାଇଥିଲା। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ୨ଜଣଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଜିଲା ମୁଖ୍ୟ କୃଷି ଅଧିକାରୀ ଶରତ କୁମାର ତୋଷଙ୍କ ତତ୍ତ୍ୱାବଧାନରେ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଏହି ମେଳା ଅନୁଷ୍ଠିତ ହେବ। ଏହି ଉପଲକ୍ଷେ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ କୃଷକ ପାଠଶାଳା ଆୟୋଜନ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

## ପଞ୍ଚାୟତ ପ୍ରତିନିଧିଙ୍କୁ ପ୍ରଶିକ୍ଷଣ

**ଢେଙ୍କାନାଳ ଅଫିସ, ୧୧।୨**

ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଇଡିଅଟ୍' ପକ୍ଷରୁ ପରଜଙ୍ଗ ବ୍ଲକ ପାଣିଗେଙ୍ଗୁଟିଆସ୍ଥିତ ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳରେ ପଞ୍ଚାୟତ ପ୍ରତିନିଧିଙ୍କ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନ, ପଞ୍ଚାୟତିରାଜ ବିଭାଗ ଏବଂ ପାନୀୟ ଜଳ ବିଭାଗ ସହାୟତାରେ ଏହା ୬ରୁ ୮ ତାରିଖ ଯାଏ ଆୟୋଜିତ ହୋଇଥିଲା। ୭ମ ବ୍ୟାଚ୍ ତାଲିମ କାର୍ଯ୍ୟକ୍ରମରେ ଆମ୍ବପଳାସ, କଙ୍କଡ଼ାସୋଡ଼ା, କଲଦା ପଞ୍ଚାୟତର ୱାର୍ଡ ସଭ୍ୟାସଭ୍ୟ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବେ ଆମ୍ବପଳାସ ସରପଞ୍ଚ କୁନାଲ ମହାପାତ୍ର, 'ଇଡିଅଟ୍' ଅନୁଷ୍ଠାନର ସରୋଜ ଶତପଥୀ ଯୋଗଦେଇଥିଲେ। ପ୍ରଶିକ୍ଷକ ଶିଶିର ଶତପଥୀ, ସୁଶାନ୍ତ ପତି ୱାର୍ଡସଭ୍ୟଙ୍କ ଦାୟିତ୍ୱ, ଭୂମିକା, ବିଭିନ୍ନ ସରକାରୀ ଯୋଜନା, ପଲ୍ଲୀସଭା, ଗ୍ରାମସଭା ଆୟୋଜନ ବିଷୟରେ ତାଲିମ ଦେଇଥିଲେ। ଶିବିରାର୍ଥୀମାନେ ପାଟରପଦା ଗସ୍ତ କରି ୫ଟି ସ୍କୁଲ, ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପରିଦର୍ଶନ କରିଥିଲେ। ସରପଞ୍ଚ ଜ୍ୟୋତ୍ସ୍ନାମୟୀ ବିଶ୍ୱାଳ, ପିଇଓ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ପ୍ରିୟଦର୍ଶିନୀ ପରିଡ଼ା, ଶୁଭଲକ୍ଷ୍ମୀ ସାହୁ ପରିଚାଳନାରେ ସହଯୋଗ କରିଥିଲେ।

# ଷ୍ଟାମ୍ପ ଡିଜାଇନ୍‌ରେ ଦିବ୍ୟାଙ୍କା ଶ୍ରେଷ୍ଠ

**ଢେଙ୍କାନାଳ ଅଫିସ, ୧୧।୨**



ଅତିଥିଙ୍କଠାରୁ ଦିବ୍ୟାଙ୍କା ଦାସ ପୁରସ୍କାର ଗ୍ରହଣ କରୁଛନ୍ତି।

ସର୍ବଭାରତୀୟ ଡାକସେବା ପକ୍ଷରୁ ଆୟୋଜିତ ଜାତୀୟ ଷ୍ଟାମ୍ପ ଡିଜାଇନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ଢେଙ୍କାନାଳ ସେଣ୍ଟ୍ ଜାଭିୟର୍ସ ହାଇସ୍କୁଲର ୧୦ମ ଶ୍ରେଣୀ ଛାତ୍ରୀ ଦିବ୍ୟାଙ୍କା ଦାସ। ଶନିବାର ନୂଆଦିଲ୍ଲୀସ୍ଥିତ ପ୍ରଗତି ମଇଦାନଠାରେ ଆୟୋଜିତ ଆଜାଦୀ କା ଅମୃତ ମହୋତ୍ସବର ଅମୃତ ପେକ୍ସ-୨୦୨୩ କାର୍ଯ୍ୟକ୍ରମରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ସଞ୍ଚାର ରାଷ୍ଟ୍ରମନ୍ତ୍ରୀ ଦେବୁସିଂହ ଜୟସିଂହ ଚୌହାନ ଯୋଗଦେଇ ଦିବ୍ୟାଙ୍କାଙ୍କୁ ଟ୍ରଫି ସହ ନଗଦ ୧୦ ହଜାର ଟଙ୍କା ଅର୍ଥରାଶି ପୁରସ୍କାର ପ୍ରଦାନ କରିଥିଲେ। ଦିବ୍ୟାଙ୍କା ଡିଜାଇନ୍ କରିଥିବା ଷ୍ଟାମ୍ପରେ ଜାତିର ଜନକ ମହାତ୍ମା ଗାନ୍ଧୀ, ଶହୀଦ ଭଗତ୍ ସିଂ, ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଫଟୋ ସ୍ଥାନିତ ହୋଇଛି। ଏଥିସହ ଟେକ୍ନୋଲୋଜିର ଉନ୍ନତୀକରଣ, ସ୍ୱଚ୍ଛଭାରତ ମିଶନ, ଲାଲକିଲ୍ଲାରେ ଜାତୀୟ ପତାକା ଉତ୍ତୋଳନର ଚିତ୍ର ରହିଛି। ତାଙ୍କର ଷ୍ଟାମ୍ପ ଡିଜାଇନ ମନୋନୀତ ହୋଇଥିବାରୁ ଏହାକୁ ଉନ୍ମୋଚନ କରାଯାଇଛି।

ସୂଚନାଯୋଗ୍ୟ, ଦିବ୍ୟାଙ୍କା ଢେଙ୍କାନାଳରେ କୁଞ୍ଜକାନ୍ତରେ ରହୁଥିବା ଜିନ୍ଦଲ କମ୍ପାନୀ କର୍ମଚାରୀ କୁମୁଦ ରଞ୍ଜନ ଦାସ ଏବଂ ତ୍ରିଷ୍ଟାବାଳା ଦାସଙ୍କ ଜ୍ୟେଷ୍ଠ କନ୍ୟା। ତାଙ୍କର ଏହି ସଫଳତାରେ ସେଣ୍ଟ ଜାଭିୟର ହାଇସ୍କୁଲର ପ୍ରିନ୍ସିପାଲ, ଶିକ୍ଷୟିତ୍ରୀ, ଶିକ୍ଷକ, ପରିଚାଳନା କମିଟି ଏବଂ ଛାତ୍ରୀଛାତ୍ରମାନେ ଖୁସିବ୍ୟକ୍ତ କରିବା ସହିତ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ଦିବ୍ୟାଙ୍କାଙ୍କ ଦ୍ୱାରା ପ୍ରସ୍ତୁତ ଷ୍ଟାମ୍ପ ଡିଜାଇନ୍।

## ସଂକ୍ଷେପରେ

### ଦୁଇ ବାଇକ୍ ଧକ୍କା, ଜଣେ ମୃତ

ବଇଣ୍ଡା,୧୧।୨(ଡି.ଏନ.ଏ.): ଆଠମଲ୍ଲିକ ପୂର୍ତ୍ତ ବିଭାଗ ରାସ୍ତାର ବଇଣ୍ଡା ଓଭରବ୍ରିଜ୍ ନିକଟରେ ଶୁକ୍ରବାର ରାତିରେ ଦୁଇ ବାଇକ୍ ମଧ୍ୟରେ ଧକ୍କା ହୋଇଛି। ଏଥିରେ ହଣ୍ଡପା ଥାନା ଆନନ୍ଦମୁଣ୍ଡା ଗ୍ରାମର ଶେଷଦେବ ସେଠୀଙ୍କ ମୃତ୍ୟୁ ହୋଇଛି। ଅନ୍ୟ ୨ ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କ ପରିଚୟ ଜଣାପଡ଼ିନାହିଁ। ଘଟଣାରୁ ଜଣାପଡିଛି, ଶେଷଦେବ ଏକ ବାଇକ୍ (ନଂ. ଓଡ଼ି ୧୯ଜି ୯୦୧୫)ରେ ଶରଧାମୁଣ୍ଡା ଅଭିମୁଖେ ଯାଉଥିବାବେଳେ ସମ୍ମୁଖରୁ ଆସୁଥିବା ଅନ୍ୟ ଏକ ବାଇକ୍ (ନଂ. ଓଡ଼ି ୦୬ କେ ୧୭୮୪) ସହ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ପ୍ରଥମେ ବଇଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଶେଷଦେବଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବଇଣ୍ଡା ଫାଣ୍ଡି ପୋଲିସ ପହଞ୍ଚି ଗାଡ଼ି ଦୁଇଟି ଜବତ କରି ତଦନ୍ତ ଚଳାଇଛି। ଏ ନେଇ ନଂ. ୩୮/୨୩ରେ ଏକ ମାମଲା ରୁଜୁ ହୋଇଛି।



### ଛାତ୍ରାବାସରେ ପବିତ୍ର ମୋହନଙ୍କ ଜୟନ୍ତୀ

ଅନୁଗୋଳ ଅଫିସ,୧୧।୨: ଅନୁଗୋଳସ୍ଥିତ ବାଜି ରାଉତ ଛାତ୍ରାବାସର ଶାନ୍ତି ମନ୍ଦିର ପରିସରରେ ପ୍ରଜା ଆନ୍ଦୋଳନର କର୍ଣ୍ଣଧାର ତଥା ବିଶିଷ୍ଟ ଜନନାୟକ ପବିତ୍ର ମୋହନ ପ୍ରଧାନଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଛାତ୍ରାବାସ ସମ୍ପାଦକ ଧନେଶ୍ୱର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଛାତ୍ରାବାସ ମୁଖ୍ୟ କୃଷ୍ଣା ମହାନ୍ତି ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ପ୍ରସନ୍ନ କୁମାର ଦାସ, ପରିଚାଳକ କୈଳାସ ଚନ୍ଦ୍ର ସାହୁ ଓ ସାମାଜିକ କର୍ମୀ ପ୍ରଦ୍ୟୁମ୍ନ କୁମାର ନାୟକ ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ସୁଜାତା ପ୍ରୀତିନନ୍ଦା ସ୍ୱାଗତ ଭାଷଣ ଦେଇଥିବାବେଳେ ସୁଶ୍ରୀ ଲିପିକା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରସ୍ୱତୀ ସ୍ୱାଇଁ, ଶଙ୍କର ବେହେରା, ଲକ୍ଷ୍ମୀକାନ୍ତ ବିଶ୍ୱାଳ, କ୍ଷୀରୋଦ ବିଶ୍ୱାଳ, ପ୍ରତିମା ନାୟକ, ମାମାଲି ଗଡ଼ନାୟକ ପ୍ରମୁଖ ସହଯୋଗ କରିଥିଲେ।

### ୨ ଭାଇ ମଧ୍ୟରେ ଗଣ୍ଡଗୋଳ

ବଇଣ୍ଡା,୧୧।୨(ଡି.ଏନ୍.ଏ.): କିଶୋରନଗର ବ୍ଲକ ହଣ୍ଡପା ଥାନା ଖାଲପାଳ ଗ୍ରାମରେ ଶୁକ୍ରବାର କ୍ଷୀରୋଦ ବେହେରାଙ୍କୁ ତାଙ୍କ ଭାଇ ଘନଶ୍ୟାମ ବେହେରା ମାଡ଼ ମାରିବା ସହ ବାମ ହାତକୁ କାମୁଡ଼ି ଦେଇଥିବା ପୋଲିସ ନିକଟରେ ଅଭିଯୋଗ ହୋଇଛି। ଏ ନେଇ ଥାନାରେ ନମ୍ବର ୩୭/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ପୋଲିସ କହିଛି, ଉଭୟଙ୍କ ମଧ୍ୟରେ ପୂର୍ବରୁ ଜମିବାଡି ଭାଗବଣ୍ଟାକୁ ନେଇ ଗଣ୍ଡଗୋଳ ଲାଗିରହିଛି। ଏହି ଘଟଣାକୁ କେନ୍ଦ୍ର କରି ଶୁକ୍ରବାର ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା। ଏଥିରେ ଘନଶ୍ୟାମ ଉତ୍କ୍ଷିପ୍ତ ହୋଇ କ୍ଷୀରୋଦଙ୍କୁ ମାଡ଼ ମାରିବା ସହ ତାଙ୍କ ହାତକୁ କାମୁଡି ଦେଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି। ଏ ନେଇ ଘନଶ୍ୟାମ ମଧ ଏକ ପାଲଟା ଅଭିଯୋଗ କରିଛନ୍ତି। ତାଙ୍କୁ କ୍ଷୀରୋଦ ବିନା କାରଣରେ ମାଡ଼ ମାରିଥିବା ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ପୋଲିସ ନଂ. ୩୭/୨୩ ରେ ଏକ ମାମଲା ରୁଜୁ କରିଛି।

# 'ରାଜ୍ୟର ଆଇନଶୃଙ୍ଖଳା ଭୁଶୁଡ଼ି ପଡ଼ିଛି'

## ରାଜ୍ୟ ସରକାରଙ୍କ ଉପରେ ବର୍ଷିଲେ ତୋମାର

ଅନୁଗୋଳ ଅଫିସ, ୧୧।୨

ରାଜ୍ୟରେ ଆଇନଶୃଙ୍ଖଳା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ଯେଉଁଠି ମନ୍ତ୍ରୀ ସୁରକ୍ଷିତ ନାହାନ୍ତି, ସେଠି ଶାସନ କିଏ କରୁଛି ବୋଲି ପ୍ରଶ୍ନ କରିଛନ୍ତି ଭାଜପାର ରାଜ୍ୟ ସହପ୍ରଭାରୀ ତଥା ରାଜ୍ୟ ସଭା ସଦସ୍ୟ ବିଜୟପାଲ ସିଂ ତୋମାର। ଅନୁଗୋଳସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଢେଙ୍କାନାଳ ଲୋକ ସଭା ପ୍ରବାସ ଯୋଜନା ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ତୋମାର ଶାସକ ବିଜେଡିକୁ ଏଭଳି ପ୍ରଶ୍ନ ପଚାରିଛନ୍ତି।

କେନ୍ଦ୍ର ସରକାର ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ସୂଚନା ଦେଇ ତୋମାର କହିଲେ, ଚଳିତ ବଜେଟରେ ମୋଦି ସରକାର ସବୁକ୍ଷେତ୍ରକୁ ଗୁରୁତ୍ୱ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୮୦ ହଜାର କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅବିଭକ୍ତ ଢେଙ୍କାନାଳ ଜିଲା ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ ବହୁ କୋଟି ଟଙ୍କାର ଅନୁଦାନ ଆଣୁଛନ୍ତି। ଏହାର ଠିକ୍ କାର୍ଯ୍ୟାନ୍ୱୟନ ଯେପରି ହୋଇପାରିବ, ସେଥିପ୍ରତି ଦୃଷ୍ଟି ଦେବାକୁ ତୋମାର ଦଳୀୟ କର୍ମୀଙ୍କୁ ପରାମର୍ଶ ଦେଇଛନ୍ତି।

ରାଜ୍ୟ ସମ୍ପାଦକ କାଳିନ୍ଦୀ ସାମଲ ଆଲୋଚନାରେ ଭାଗନେଇ କହିଲେ, ରାଜ୍ୟରେ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଆଇନଶୃଙ୍ଖଳା ପ୍ରତିବାଦରେ ଭାଜପା ପକ୍ଷରୁ ଆସନ୍ତା ୧୩ ତାରିଖରେ ଭୁବନେଶ୍ୱରରେ, ୧୫ ତାରିଖରେ ପ୍ରତି ଜିଲାର ଜିଲାପାଳଙ୍କ କାର୍ଯ୍ୟାଳୟ, ୧୭, ୧୮ ଓ ୧୯ ତାରିଖରେ ସମସ୍ତ ବିଧାନସଭା କ୍ଷେତ୍ରରେ ଯୁବମୋର୍ଚ୍ଚା ପକ୍ଷରୁ ଘେରାଉ କରାଯିବ। ରାଜ୍ୟ ସଙ୍ଗଠନ ସମ୍ପାଦକ ମାନସ ମହାନ୍ତି, ସୀମାଞ୍ଚଳ ଖଟେଇ, ବରିଷ୍ଠ ସଦସ୍ୟ ରୁଦ୍ରନାରାୟଣ ପାଣି, ଢେଙ୍କାନାଳ ଜିଲା ସଭାପତି ନରେଶ ମହାପାତ୍ର, ଅନୁଗୋଳ ଜିଲା ସଭାପତି ଦିଲେଶ୍ୱର ପ୍ରଧାନ, ଲୋକ ସଭା ସଂଯୋଜକ ପ୍ରେମାନନ୍ଦ ଜେନା, ପ୍ରବାସ ଯୋଜନା ରାଜ୍ୟ ସହ ସଂଯୋଜକ ଧୀରେନ ସେନାପତି ପ୍ରମୁଖ ମଞ୍ଚାସୀନ ରହି ଆଗାମୀ ନିର୍ବାଚନ ପାଇଁ ପ୍ରସ୍ତୁତି ଜୋର୍‌ଦାର କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ସଞ୍ଜୀବ ସାହୁ, ଅଞ୍ଜଳି ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଭୂତି ପ୍ରଧାନ, ଭାଗୀରଥି ପ୍ରଧାନ, ଅଶୋକ ମହାନ୍ତି, ପ୍ରତାପ ପ୍ରଧାନ, ଅଗସ୍ତି ବେହେରା, ପ୍ରତିମା ମିଶ୍ରଙ୍କ ସମେତ ଉଭୟ ଜିଲାର ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



ବୈଠକରେ ରାଜ୍ୟ ଭାଜପାର ସହପ୍ରଭାରୀ ବିଜୟପାଲ ସିଂ ତୋମାରଙ୍କ ସମେତ ଅନ୍ୟମାନେ।

# ଯୁବକଙ୍କୁ ପୋଲିସର ଥାର୍ଡ ଡିଗ୍ରୀ ଅଭିଯୋଗ

ଅନୁଗୋଳ ଅଫିସ, ୧୧।୨

ଅନୁଗୋଳ ଜିଲା ପାଲଲହଡ଼ା ପୋଲିସ ବିରୋଧରେ ଥାର୍ଡ ଡିଗ୍ରୀ ଅଭିଯୋଗ ଆସିଛି। ଏହି ଘଟଣାରେ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଛନ୍ତି ଖମାର ଥାନା ଜଗନ୍ନାଥପୁର ଗ୍ରାମର ଆଦିତ୍ୟ ବେହେରାଙ୍କ ବାପା ନକୁଳ ବେହେରା। ଅନ୍ୟପଟେ ଏଭଳି ଅଭିଯୋଗକୁ ଆଇସିସି ଖଣ୍ଡନ କରିଛନ୍ତି। ଏସ୍‌ପିଙ୍କ ନିକଟରେ ହୋଇଥିବା ଅଭିଯୋଗରେ ଦର୍ଶାଯାଇଛି, ବୁଧବାର ବିଳମ୍ବିତ ରାତିରେ ପୋଲିସ ଆଦିତ୍ୟଙ୍କୁ ଘରୁ ଉଠାଇ ନେଇଥିଲା। ସକାଳେ ପରିବାର ଲୋକେ ଥାନାକୁ ଆସି ପଚରାଉଚରା କରିବା ପରେ ତାଙ୍କୁ ଛାଡ଼ିଦେଇଥିଲା। ପୋଲିସ ଥାନା ହାଜତରେ ଆଦିତ୍ୟଙ୍କୁ ନିଷ୍ଠୁର ମାଡ଼ ମାରିଛି। ଏଥିରେ ତାଙ୍କ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗରେ ଆଘାତ ଲାଗିଛି। ସେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ଘଟଣା ପ୍ରଘଟ କଲେ ପୋଲିସ ଗିରଫ ଭୟ ଦେଖାଉଛି। ତେଣୁ ଅଭିଯୁକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନକୁଳ ଦାବି କରିଛନ୍ତି। ଅନ୍ୟପଟେ ଅଭିଯୋଗକୁ ଭିତ୍ତିହୀନ ବୋଲି କହିଛନ୍ତି ପାଲଲହଡ଼ା ଆଇଆଇସି। ସେ କହିଛନ୍ତି, ଏକ ମାମଲାରେ ଆଦିତ୍ୟଙ୍କୁ ପଚରାଉଚରା କରିବାକୁ ଅଣାଯାଇଥିଲା। ତାଙ୍କୁ ସୁରକ୍ଷିତ ଭାବେ ପରିବାରକୁ ହସ୍ତାନ୍ତର କରାଯାଇଛି।

## ଖଣ୍ଡନ କଲେ ଆଇଆଇସି



ମେଡିକାଲରେ ଭର୍ତ୍ତି ହୋଇଥିବା ଆଦିତ୍ୟ।

# ୭୭୯୩ ମାମଲାର ଫଇସଲା



ଅନୁଗୋଳରେ ଅନୁଷ୍ଠିତ ଲୋକ ଅଦାଲତରେ ମାମଲାର ସମାଧାନ କରାଯାଉଛି।

ଅନୁଗୋଳ ଅଫିସ/ ଛେଣ୍ଡିପଦା(ସ୍ୱ.ପ୍ର.), ୧୧।୨

ଅନୁଗୋଳ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୋଟ ୭,୭୯୩ ପ୍ରାକ୍ ମକଦ୍ଦମାଜନିତ ମାମଲାର ଫଇସଲା କରାଯାଇଥିଲା। ତନ୍ମଧ୍ୟରୁ ୭୧ଟି ବ୍ୟାଙ୍କ ସମ୍ପର୍କିତ, ୪ଟି ଟେଲିଫୋନ ବିଲ୍ ସମ୍ପର୍କିତ, ୧୮ଟି ଜନଉପଯୋଗୀ ସେବା ମାମଲା, ୧୩୭୫ ବିଚାରାଧୀନ ମାମଲା, ୪୫ ମୋଟରଯାନ ଦୁର୍ଘଟଣାଜନିତ ମାମଲା, ୨୦ଟି ଚେକ୍ ବାଉନ୍ସ ମାମଲା, ୫୬ଟି ଦେୱାନୀ ମାମଲା, ୩୯ଟି ବିଚାରାଧୀନ ମାମଲା, ୧୫ଟି ପାରିବାରିକ ମାମଲା (ଛାଡ଼ପତ୍ର ବ୍ୟତୀତ), ୨୫୭ଟି ଫୌଜଦାରି ମାମଲା, ୯୨୩ଟି ରାଜସ୍ୱ ମାମଲା, ୨୦ଟି ଖାଉଟି ବିବାଦ ସମ୍ପର୍କିତ ମାମଲା ରହିଛି। ବ୍ୟାଙ୍କ ମାମଲାରେ ୨୩ ଲକ୍ଷ ୩୫ ହଜାର ୨୦୯ ଟଙ୍କା, ଚେକ୍ ବାଉନ୍ସ ମାମଲାରେ ୩୩ ଲକ୍ଷ ୫୦ହଜାର ୩୭୩ ଟଙ୍କାର ସମାଧାନ କରାଯାଇଛି। ଦୁର୍ଘଟଣାଜନିତ ମାମଲାରେ ୨ କୋଟି ୪୩ଲକ୍ଷ ୩୬ହଜାର ୪୩୯ଟଙ୍କାର କ୍ଷତିପୂରଣ ପ୍ରଦାନ କରାଯାଇଥିଲା। ଅନୁଗୋଳ ସ୍ପେଶିଆଲ ଭିଜିଲାନ୍ସ ଜଜ୍‌ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଲୋକ ଅଦାତଲରେ ସମସ୍ତ ବିଚାରପତି, ସରକାରୀ ଓକିଲ, ଆଇନଜୀବୀ କୋର୍ଟ କର୍ମଚାରୀ, ପ୍ରାଧିକରଣ ଅଧିକାରୀ ଏହାର ପରିଚାଳନା କରିଥିଲେ।

ସେହିପରି ଛେଣ୍ଡିପଦା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତରେ ତାଲୁକ ଆଇନ ସେବା କମିଟି ଆନୁକୂଲ୍ୟରେ ଆୟୋଜିତ ଲୋକ ଅଦାଲତରେ ବିଚାରପତି ତନ୍ୱି ରଥ ଯୋଗଦେଇ ୨ଟି ଦେୱାନୀ ମାମଲା ଓ ୧୭ଟି ଫୌଜଦାରି ମାମଲାର ଫଇସଲା କରିଥିଲେ। ସଦସ୍ୟ ଲକ୍ଷ୍ମୀଧର ପ୍ରଧାନ, ଆଇନଜୀବୀ ରାଜକିଶୋର ବେହେରା, ଭୋଳେଶ୍ୱର ବେହେରା, ନଗେନ ନନ୍ଦ, ଗୋପବନ୍ଧୁ ସାହୁ, ସୁଶୀଳ ପ୍ରଧାନ, ବିଜୟ ବେହେରା, ଶରତ ସାହୁ, ବିଦ୍ୟାଧର ବେହେରା, ପ୍ରଭାତ ବେହେରା, ବୁଦ୍ଧଦେବ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ହୋଣ୍ଡା ସ୍ମାର୍ଟ ଆକ୍ଟିଭାର ବଜାର ପ୍ରବେଶ

ଅନୁଗୋଳ ଅଫିସ, ୧୧।୨

ଅନୁଗୋଳ ହୋଣ୍ଡା ମୋଟର ସାଇକେଲ ଏବଂ ସ୍କୁଟର ଇଣ୍ଡିଆର ଅଧିକୃତ ବିକ୍ରେତା 'ଲକ୍ଷ୍ମୀହୋଣ୍ଡା'ରେ କମ୍ପାନୀର ବହୁ ପ୍ରତୀକ୍ଷିତ ସ୍କୁଟର 'ହୋଣ୍ଡା ସ୍ମାର୍ଟ ଆକ୍ଟିଭା'ର ବଜାର ପ୍ରବେଶ ହୋଇଛି। ମୁଖ୍ୟ ଅତିଥି ଭାବେ ରମେଶ ଚନ୍ଦ୍ର ଅଗ୍ରୱାଲ, ଶ୍ୟାମ ଚନ୍ଦ୍ର ଅଗ୍ରୱାଲ୍ ଯୋଗ ଦେଇଥିଲେ। 'ହୋଣ୍ଡା ସ୍ମାର୍ଟ ଆକ୍ଟିଭା' ଆକର୍ଷଣୀୟ ଷ୍ଟାଇଲ୍ ସାଙ୍ଗକୁ ଉନ୍ନତ ମାଇଲେଜ୍ ଦେଇଥାଏ। 'ସ୍ମାର୍ଟ ଆକ୍ଟିଭା' ୬ଟି କଲର ଡିସେଣ୍ଟ ବ୍ଲୁ ମେଟାଲିକ୍, ପିୟର ସେରେନ ବ୍ଲୁ, ବ୍ଲାକ୍, ପିୟର ପ୍ରିସିୟସ ହ୍ୱାଇଟ୍, ରିବେଲ ରେଡ୍ ମେଟାଲିକ୍, ମ୍ୟାଟ୍ ଏକ୍ସିସ୍ ଗ୍ରେ ମେଟାଲିକ୍‌ରେ ଉପଲବ୍ଧ। ଏହା ଆଲଏ ହ୍ୱିଇଲ୍ସ, ସ୍ମାର୍ଟ ଅନଲକ୍, ଆଣ୍ଟି-ଥ୍ରେଫ୍ଟ ସିଷ୍ଟମ୍, ସ୍ମାର୍ଟ ଷ୍ଟାର୍ଟ ଓ ସିଲଭର କୋଟେଡ୍ ଫ୍ରଣ୍ଟ ଗ୍ରାନିସ୍ ପରି ଅତ୍ୟାଧୁନିକ ଗୁଣବତ୍ତାରେ ଭରପୂର। ଏହାର ଏକ୍ସ ଶୋରୁମ୍ ମୂଲ୍ୟ ୮୩,୬୫୯ ଟଙ୍କାରୁ ଆରମ୍ଭ। ସ୍ମାର୍ଟ ଆକ୍ଟିଭା ପାଇଁ ସ୍ୱତନ୍ତ୍ର ଏକ୍ସଚେଞ୍ଜ ଏବଂ ଫାଇନାନ୍ସ ସୁବିଧା ମଧ୍ୟ ରହିଛି। ଭବିଷ୍ୟତରେ ଆହୁରି ଅତ୍ୟାଧୁନିକ ଗାଡ଼ି ସହିତ ଗ୍ରାହକଙ୍କୁ ଉତ୍ତମ ସେବା ଯୋଗାଇ ଦେବା ଆମର ପ୍ରଥମ ଲକ୍ଷ୍ୟ ବୋଲି ଲକ୍ଷ୍ମୀ ହୋଣ୍ଡାର ସ୍ୱତ୍ତ୍ୱାଧିକାରୀ ବିକ୍ରମ ଅଗ୍ରୱାଲ୍ କହିଛନ୍ତି। ଏହି ବଜାର ପ୍ରବେଶ ଉତ୍ସବରେ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।




ହୋଣ୍ଡାର ବଜାର ପ୍ରବେଶ କାର୍ଯ୍ୟକ୍ରମରେ ଅତିଥି ଏବଂ କର୍ମଚାରୀମାନେ।

# ଦାବି ପୂରଣ ନ ହେଲେ ସାମୂହିକ ଛୁଟିରେ ଯିବେ

## ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘର ଚେତାବନୀ

ଛେଣ୍ଡିପଦା,୧୧।୨(ସ୍ୱ.ପ୍ର)

ଛେଣ୍ଡିପଦା ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ଶନିବାର ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମହାସଂଘ ସଭାପତି ସୁଶାନ୍ତ ବେହେରା, ସମ୍ପାଦକ ସୁମନ୍ତ ନାୟକ, କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ସାହୁ ଉପସ୍ଥିତ ଥିଲେ। ଠିକାଶିକ୍ଷକ ନିଯୁକ୍ତି ବାତିଲ, ୬ ବର୍ଷ ଠିକା କାର୍ଯ୍ୟକାଳ ମୂଳ ଚାକିରିରେ ଗଣନା କରିବା, କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ, ପୁରୁଣା ପେନ୍‌ସନ ପ୍ରଚଳନ କରିବା ଦାବି ବିଷୟରେ ଆଲୋଚନା କରାଯାଇଥିଲା। ସଂଘର ଉକ୍ତ ପ୍ରମୁଖ ୩ ଦାବି ଡିସେମ୍ବର ୧୬ରୁ ୨୦ ମଧ୍ୟରେ ପୂରଣ କରାଯିବ ବୋଲି ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଥିଲେ। ବିଧାନସଭାର ବଜେଟ ଅଧିବେଶନ ପୂର୍ବରୁ ଦାବି ପୂରଣ ନ ହେଲେ ଶିକ୍ଷକମାନେ ସମୂହ ଛୁଟିରେ ଯିବେ ବୋଲି ଚେତାବନୀ ଦିଆଯାଇଛି।




# ବୋହୂଙ୍କୁ ମାଡ଼ ଅଭିଯୋଗ

ବଇଣ୍ଡା,୧୧।୨(ଡି.ଏନ.ଏ.)

ଅନୁଗୋଳ ଜିଲା କିଶୋରନଗର ଥାନା ବଏଜା ଗ୍ରାମର ମେନେକା ନାୟକଙ୍କୁ ତାଙ୍କ ଶ୍ୱଶୁର ଗୌର ନାୟକ ମାଡ଼ ମାରିବା ସହ ଗାଳିଗୁଲଜ କରିଥିବା ଶନିବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୨୪/୨୩ ରେ ଏକ ମାମଲା ରୁଜୁ କରିଛି। ପାରିବାରିକ କଳହକୁ ନେଇ ମେନେକା ଘରେ ଥିବାବେଳେ ଗୌର ତାଙ୍କୁ ମାଡ଼ ମାରିବା ସହ ଗାଳିଗୁଲଜ କରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

# କୋର୍ଟଗୃହର ଭୂମିପୂଜନ

ଛେଣ୍ଡିପଦା,୧୧।୨(ସ୍ୱ.ପ୍ର)

ଛେଣ୍ଡିପଦା ସଦର ମହକୁମାରେ ଥିବା କନିଷ୍ଠ ବିଚାର ବିଭାଗୀୟ ଦେୱାନୀ ଅଦାଲତ (ଜେଏମ୍‌ଏଫସି କୋର୍ଟ)ର ନୂତନ ଗୃହର ଭୂମିପୂଜନ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜେଏମ୍‌ଏଫ୍‌ସି ଅଦାଲତର ବିଚାରପତି ତନ୍ୱି ରଥ ଯୋଗଦେଇ ଏହାର ଶିଳାନ୍ୟାସ କରିଥିଲେ। ଛେଣ୍ଡିପଦା ଆଇନଜୀବୀ ସଂଘ ଉପସଭାପତି ଗୋବିନ୍ଦ ଚନ୍ଦ୍ର ସାହୁ, ସମ୍ପାଦକ ପ୍ରଦୀପ ଗଡ଼ନାୟକ, ପୂର୍ବତନ ସଭାପତି ନଗେନ ନନ୍ଦ, ବରୁଣ ବେହେରା, ବୁଦ୍ଧଦେବ ବେହେରା, ଉତ୍କଳ ପ୍ରଧାନଙ୍କ ସମେତ ସଂଘର ସମସ୍ତ ଆଇନଜୀବୀ ଉପସ୍ଥିତ ଥିଲେ।



ନୂତନ କୋର୍ଟ ଗୃହର ଭୂମିପୂଜନ କରାଯାଉଛି।

# ଗହମ ପିକ୍‌ନିକ୍ ସ୍ପଟ୍ ଉଦ୍‌ଘାଟିତ

କଣିହାଁ,୧୧।୨(ଡି.ଏନ.ଏ.)

କଣିହାଁ ବ୍ଲକ ଗହମ ଗ୍ରାମ ନିକଟସ୍ଥ ବ୍ରାହ୍ମଣୀ ନଦୀକୂଳ ଆମ୍ବତୋଟାରେ ପିକ୍‌ନିକ୍ ପାଇଁ ହୋଇଥିବା ଉନ୍ନତୀକରଣ କାର୍ଯ୍ୟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଖଣିମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ଉପବାଚସ୍ପତି ରଜନୀକାନ୍ତ ସିଂ, ବିଧାୟକ ମୁକେଶ ପାଲ, ବ୍ରଜକିଶୋର ପ୍ରଧାନ, ରମେଶ ସାଏ, କଣିହାଁ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଜିଲା ପରିଷଦ ସଦସ୍ୟ ରଶ୍ମିତା ବେହେରା, ରଞ୍ଜନ ସାହୁ, ଏମ୍‌ପିଙ୍କ ପ୍ରତିନିଧି ନିର୍ମଳ ସାହୁଙ୍କ ସମେତ ବହୁ ସରପଞ୍ଚ ସମିତିସଭ୍ୟ ଓ ବିଜେଡି କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ବ୍ଲକ ପ୍ରଶାସନ ତରଫରୁ ଏହି ପିକ୍‌ନିକ ସ୍ଥଳରେ ସରକାରଙ୍କ ସ୍ୱତନ୍ତ୍ର ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ଅନୁଦାନରେ ଭୋଜି ପାଇଁ ପିଣ୍ଡି, ସିମେଣ୍ଟ ଚେୟାର ଓ ଆମୋଦ ପ୍ରମୋଦ ପାଇଁ ଅନ୍ୟାନ୍ୟ ବ୍ୟବସ୍ଥା କରାଯାଇଛି।



ପିକ୍‌ନିକ୍ ସ୍ପଟ୍ ଉଦ୍‌ଘାଟନ ଅବସରରେ ଅତିଥିମାନେ।

# 'ପ୍ରତିଷ୍ଠିତ ବ୍ୟକ୍ତି ସାମାଜିକ କ୍ଷେତ୍ରରେ ନିୟୋଜିତ ହୁଅନ୍ତୁ'

## ବାଲିପଟା ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀ ସମାରୋହ 'ଅନ୍ୱେଷା'ର ଦ୍ୱିତୀୟ ଦିବସ

ଛେଣ୍ଡିପଦା, ୧୧।୨(ସ୍ୱ.ପ୍ର.)

ଭାରତ ବର୍ଷରେ ଶିକ୍ଷାକୁ ମାଧ୍ୟମ କରି ବହୁ ବ୍ୟକ୍ତି ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି। ସେମାନେ ନିଜକୁ ସାମାଜିକ କ୍ଷେତ୍ରରେ ନିୟୋଜିତ କଲେ ଶ୍ରେଷ୍ଠ ଭାରତ ଗଠନ ହୋଇପାରିବ ବୋଲି କହିଛନ୍ତି କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା। ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବାଲିପଟା ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ 'ଅନ୍ୱେଷା'ର ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି। ସୁବର୍ଣ୍ଣ ଜୟନ୍ତୀ ସମାରୋହ କମିଟି ସଭାପତି ମାନସ ରଞ୍ଜନ ଗଡ଼ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ବକୁଳ ଫାଉଣ୍ଡେଶନର ପ୍ରତିଷ୍ଠାତା ତଥା ଗାଳ୍ପିକ ସୁଜିତ ମହାପାତ୍ର ଯୋଗଦେଇ କହିଲେ, ସ୍କୁଲରେ ପାଠ ପଢୁଥିବା ପିଲାଙ୍କୁ ଅଭିଭାବକମାନେ ଧ୍ୟାନ ଦେବା ଜରୁରୀ। ସେମାନେ କ'ଣ ପଢ଼ିଲେ ତାହା ଅନୁଧ୍ୟାନ କଲେ ଶିକ୍ଷାର୍ଥୀମାନେ ଶିକ୍ଷାକ୍ଷେତ୍ରରେ ଆଗକୁ ଯିବେ। ସେମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେବ ବୋଲି ସେ ମତବ୍ୟକ୍ତ କରିଥିଲେ। ପୁରାତନ ଛାତ୍ରୀଛାତ୍ରଙ୍କୁ ଯୋଡ଼ିବା ପାଇଁ ଏକ ୱେବ୍‌ସାଇଟ୍ ଆରମ୍ଭ କରିବା, ଆର୍ଥିକ ସ୍ୱଚ୍ଛଳ ନ ଥିବା ପିଲାଙ୍କୁ ସହାୟତା କରିବା ଲାଗି ସମ୍ମାନିତ ଅତିଥି ତଥା ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ରାମକୃଷ୍ଣ ପରମହଂସ, ବିବେକାନନ୍ଦଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ।

ସୁଶାନ୍ତ ତ୍ରିପାଠୀ ମଞ୍ଚ ପରିଚାଳନା କରିଥିବାବେଳେ ପ୍ରଧାନ ଶିକ୍ଷକ ଋଷଭ ସାହୁ ବିଦ୍ୟାଳୟର ବିବରଣୀ ପାଠ କରିଥିଲେ। ଜୁବିଲି କମିଟି ଉପଦେଷ୍ଟା ପଣ୍ଡିତ ମୋହନ ଗଡ଼ନାୟକ, କାର୍ଯ୍ୟକାରୀ ସଭାପତି ସୁଦୀପ୍ତ ଗଡ଼ନାୟକ, ପୁରାତନ ଛାତ୍ର ମଦନ ମୋହନ ଗଡ଼ନାୟକ, ସମ୍ପାଦକ ରମାକାନ୍ତ ଗଡ଼ନାୟକ, ପରିଚାଳନା କମିଟି ସଭାପତି ଖଗେଶ୍ୱର ସାହୁ, ଛାତ୍ର ଜଳଧର ପ୍ରଧାନ, ଲମ୍ବୋଦର ସାହୁ, ସିଦ୍ଧାର୍ଥ ଗଡ଼ନାୟକଙ୍କ ସମେତ ବିଦ୍ୟାଳୟର ବହୁ ପୁରାତନ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ଛାତ୍ରୀଛାତ୍ରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ରୁକୁ ସୋନା, ଅର୍ଚ୍ଚନା ପାଢ଼ୀ, ତାନ୍‌ସେନ୍ ସିଂ, ଫେଟ୍ ଫାଇଟର ଡ୍ୟାନ୍ସ ଗ୍ରୁପ ପକ୍ଷରୁ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



